## ପଥର ଖଣିରେ ଚଢ଼ାଉ, ୨ ଗିରଫ

ଡେଲାଙ୍ଗ,(ଡି.ଏନ୍.ଏ.): ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତର ସରକାରୀ ଜାଗାରୁ ବେଆଇନ ଭାବେ ପଥର ଖନନ ଘଟଣାରେ ଡେଲାଙ୍ଗ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଦ୍ୱୟ ହେଲେ ଜଙ୍କିଆ ଓଲସିଂହ ଗ୍ରାମର ମନୋରଞ୍ଜନ ବେହେରା (୨୬), ଅରାଗଡ଼ର ଅଜୟ ନାୟକ (୨୪)। ଏମାନଙ୍କ ନିକଟରୁ ପାୱାର ଟିଲର, ବାଇକ୍ ଓ ୨ଟି ଡ୍ରମ୍ ଜବତ ହୋଇଛି। ଏନେଇ ଡେଲାଙ୍ଗ ଥାନାରେ ଏକ ମାମଲା (ନଂ.୧୮୯/୨୨) ରୁଜୁ ହୋଇଛି। ଆଇଆଇସି ଅନିଲ କୁମାର ମହାନ୍ତି, ଏଏସ୍ଆଇ ଯୁଗୋଳ କିଶୋର ଜେନାଙ୍କ ସମେତ ପୋଲିସ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।




୧୭।୦୭।୨୦୨୨

| ୪,୫୭, ୮୫୭ ଟଙ୍କା | |
| --- | --- |
| ସୁନା | ୨.୪୦୦ ଗ୍ରାମ |
| ରୁପା | ୬୭.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ରଘୁନାଥ ମହାନ୍ତିଙ୍କ ୧୧୨ତମ ଜୟନ୍ତୀ, ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- ଶହୀଦ ରଘୁ ଦିବାକର ସ୍ମୃତି ସଂସଦ ପକ୍ଷରୁ ଶହୀଦ ରଘୁନାଥ ମହାନ୍ତିଙ୍କ ୧୧୨ତମ ଜୟନ୍ତୀ, ଶହୀଦ ରଘୁ ଦିବାକର ପ୍ରତିମୂର୍ତ୍ତି ସ୍ଥଳ, ୟୁନିଟ୍-୯, ପୂର୍ବାହ୍ନ ୯ଟା।
- ରାଜ୍ୟର ନମ୍ବର ପ୍ଲେଟ୍ ଆର୍ଟିଷ୍ଟଙ୍କ ବିକଳ୍ପ ରୋଜଗାର ଦାବିରେ ସତ୍ୟାଗ୍ରହ, ଧାରଣାସ୍ଥଳ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଜିଏସ୍‌ଟି ଲାଗୁହେବା ବିରୋଧରେ ବିକ୍ଷୋଭ, ପ୍ରତିବାଦ, ଦୁଗ୍ଧଢଳା କାର୍ଯ୍ୟକ୍ରମ, ମାଷ୍ଟର କ୍ୟାଣ୍ଟିନ୍ ଛକରୁ ପିଏମ୍‌ଜି ଛକ, ପୂର୍ବାହ୍ନ ୧୧ଟା ୩୦।
- ମ୍ୟୁଜିକ୍ ରିଲିଜ୍, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଖବରକାଗଜ 'ଅରଭାନୀ ସମୟ'ର ଷୋଡ଼ଶ ସ୍ୱନକ୍ଷତ୍ର ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।

## ବାପଘରକୁ ବିବାହ କାର୍ଯ୍ୟରେ ଯାଇଥିବା ମହିଳାଙ୍କୁ ଆକ୍ରମଣ

ବଲଙ୍ଗା,୧୭।୭(ଡି.ଏନ୍.ଏ.): ବାପଘରକୁ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଇ ସେଠାରେ ବାପଘର ପକ୍ଷରୁ ଆକ୍ରମଣର ଶିକାର ହୋଇଥିବା ମହିଳା ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ସେ ହେଲେ ରେସିଙ୍ଗା ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ସ୍ତ୍ରୀ ଲିଲି(୫୦)। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୨୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଲିଲି ଶୁକ୍ରବାର ତାଙ୍କ ବଡ଼ଭାଇ ଲକ୍ଷ୍ମୀଧରଙ୍କ ଝିଅ ବିବାହ କାର୍ଯ୍ୟରେ ଯୋଗଦେବାକୁ ଝାଗେଡାସାହି ସ୍ଥିତ ବାପଘରକୁ ଯାଇଥିଲେ। ବିବାହ କାର୍ଯ୍ୟ ସାରି ରାତି ୧୧ଟା ସମୟରେ ଲିଲି ନିଜ ଘରକୁ ଫେରୁଥିଲେ। ସେହି ସମୟରେଙ୍କ ପୁଅ ପ୍ରଭାବ(୨୫) ପୂର୍ବ ଆକ୍ରୋଶକୁ କେନ୍ଦ୍ର କରି ଲିଲିଙ୍କ ବେକକୁ ଚିପଦେବା ସହ ତାଙ୍କୁ ତଳେ କଚାଡି ଦେଇଥିଲେ। ଲିଲି ଏହାର ପ୍ରତିବାଦ କରିବାରୁ ବଡ଼ଭାଇ, ଭାଉଜ ଏବଂ ତାଙ୍କ ୩ ଝିଅ ମିଳିତ ଭାବେ ତାଙ୍କୁ ମାଡ଼ ମାରିଥିଲେ। ଏଥିସହ ଭବିଷ୍ୟତରେ ବାପଘରକୁ ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଲିଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।




ଭୁବନେଶ୍ୱରଠାରେ ରବିବାର ଅନୁଷ୍ଠିତ ଗଲ୍ଫ ଓଡ଼ିଆ ଆସୋସିଏଶନର ୫ମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ପ୍ରବାସୀ ଓଡ଼ିଆମାନେ।

# ବ୍ରାଣ୍ଡ୍ ଓଡ଼ିଶାକୁ ଲୋକପ୍ରିୟ କରିଛି ଗଲ୍ଫ ଓଡ଼ିଆ ଆସୋସିଏଶନ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

### ପଞ୍ଚମ ବାର୍ଷିକ ଉତ୍ସବ

ଗଲ୍ଫ ଦେଶଗୁଡ଼ିକରେ ବ୍ରାଣ୍ଡ୍ ଓଡ଼ିଶାକୁ ଲୋକପ୍ରିୟ କରିଛି ଗଲ୍ଫ ଓଡ଼ିଆ ଆସୋସିଏଶନ। ଏଥିସହ କୋଭିଡ୍ କାଳରେ ଓଡ଼ିଶାର ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ କ୍ଷେତ୍ରରେ ସହାୟତା ଯୋଗାଇ ଆସୋସିଏଶନ ମହାନତାର ପରିଚୟ ଦେଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆସୋସିଏଶନର ୫ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏହା କହିବା ସହ ସଭାପତି ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଆସୋସିଏଶନର ଉଲ୍ଲେଖନୀୟ କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି।

କାର୍ଯ୍ୟକ୍ରମରେ ସାଉଦିଆରବ, କାତାର, ଓମାନ, କୁଏତ୍, ବାହାରିନ, ୟୁଏଇ ଓ ଆବୁଧାବିରେ ରହୁଥିବା ଶତାଧିକ ଓଡ଼ିଆ ପ୍ରବାସୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା ନିଜ ବକ୍ତବ୍ୟ ଦ୍ୱାରା ବେଶ୍ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଆସୋସିଏଶନ ସଦସ୍ୟ ବିଦ୍ୟା ଭୂଷଣ ମହାନ୍ତି ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ସମାବେଶକୁ ସମ୍ବୋଧିତ କରି ଗଲ୍ଫ ଓଡ଼ିଆ ସମାଜର ସଭାପତି ଦାସ ମାତୃ ପ୍ରଦେଶ ଓଡ଼ିଶାର ସାମଗ୍ରିକ ବିକାଶ ନେଇ ଆସୋସିଏଶନର ଉଦ୍ଦେଶ୍ୟ ଓ ସ୍ଥିରୀକୃତ ଭବିଷ୍ୟତ ମାର୍ଗପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। 'ସେବା ହିଁ ସର୍ବୋପରି ' ଶୀର୍ଷକ ଲକ୍ଷ୍ୟକୁ ଆଧାରକରି ଗତ ପାଞ୍ଚ ବର୍ଷ ଧରି ମଧ୍ୟପ୍ରାଚ୍ୟର ରାଷ୍ଟ୍ରଗୁଡିକରେ ଆସୋସିଏଶନ ଓଡ଼ିଶାର ମହାନ ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିଆସୁଥିବା ସେ କହିଥିଲେ। ଆସୋସିଏଶନ ସମ୍ପାଦକ ପ୍ୟାରୀ ମୋହନ ମଲ୍ଲିକ ପାୱାର ପଏଣ୍ଟ ଉପସ୍ଥାପନ ଜରିଆରେ ସଂଘର ବହୁବିଧ ସାମାଜିକ ସେବା କାର୍ଯ୍ୟ ସଂକ୍ରାନ୍ତରେ ବିବରଣୀ ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ଆର୍.ଏସ. କୁମାର, ଜ୍ୟୋତିର୍ମୟୀ ନାୟକ ଓ ମୌସୁମୀ ଦାସଙ୍କ ସଙ୍ଗୀତ ଏବଂ ନୃତ୍ୟଶିଳ୍ପୀ ବେଦାଂଶୀ ଦାସଙ୍କ ଓଡ଼ିଶୀ ନୃତ୍ୟ ସମସ୍ତଙ୍କ ମନରେ ଓଡ଼ିଆ ଜାଗରଣ ସୃଷ୍ଟି କରିଥିଲା। କରୋନା ଯୋଗୁ ୩ବର୍ଷ ଧରି ଏହି ଉତ୍ସବ ବନ୍ଦ ଥିଲା। ତେବେ ଏହି ଉତ୍ସବ ଆୟୋଜନ ସେମାନଙ୍କ ମନରେ ପୁନଃ ଆନନ୍ଦ, ଉତ୍ସାହ ସୃଷ୍ଟି କରିଥିଲା।



'କହିବିନି ତୋତେ ଆଇ ଲଭ୍ ୟୁ'ର ପ୍ରିମିୟର ଶୋ' ଅବସରରେ ଭୁବନେଶ୍ୱରସ୍ଥିତ ସ୍ୱାତୀ ହଲ୍ ପରିସରରେ ଅଭିନେତା ଲୁବୁନ୍ ଓ ଅନ୍ୟମାନଙ୍କ ସହ ଉତ୍ସାହିତ ଦର୍ଶକମାନେ।

## ଗଙ୍ଗୁଆ ନାଳରେ ବୁଡ଼ି ୫ ବର୍ଷର ଶିଶୁ ମୃତ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ଗଙ୍ଗୁଆ ନାଳରେ ବୁଡି ଜଣେ ୫ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ହେଲେ ଲିଙ୍ଗରାଜ ଥାନା ତେଲୁଗୁ ବସ୍ତିର ଗୌତମ ରେଡ୍ଡୀ। ରବିବାର ବିଦୁ ରେଡ୍ଡୀଙ୍କ ପୁଅ ଗୌତମ ଖାଡା ଯାଉଛି କହି ଘରୁ ରାସ୍ତାକୁ ଯାଇଥିଲେ। ହେଲେ ସେ ନ ଫେରିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଗଙ୍ଗୁଆ ନାଳ ବନ୍ଧକୁ ଯାଇ ଖୋଜାଖୋଜି କରିବା ସହ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କିଛି ସମୟ ପରେ ପାଣିରେ ଗୌତମ ଭାସୁଥିବା ଦେଖିବାକୁ ମିଳିଥିଲା। ଉଦ୍ଧାର ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଲିଙ୍ଗରାଜ ଥାନା ପୋଲିସ ଏକ ଅପମୃତ ମାମଲା ରୁଜୁ କରିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ଧ୍ୟା



@ ମାନସ



@ ଜଗଦୀପ



@ ଜିତୁ



@ ଉମା



@ ଚନ୍ଦ୍ରହାସ୍ୟ

# ଆଜି ଶ୍ରାବଣର ପ୍ରଥମ ସୋମବାର



ଭୁବନେଶ୍ୱର,୧୭।୭(ବ୍ୟୁରୋ)

ଆଜି ଶ୍ରାବଣର ପ୍ରଥମ ସୋମବାର। କାଉଡିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା...ଧ୍ୱନିରେ ପ୍ରକମ୍ପିତ ହୋଇଛି ଶୈବପୀଠ। ଦୀର୍ଘ ୨ବର୍ଷ କରୋନା କଟକଣା ପରେ ଚଳିତବର୍ଷ ଅନୁଷ୍ଠିତ ହେଉଛି ବୋଲବମ୍ ଯାତ୍ରା। ପାଣି ଢ଼ାଳିବା ପାଇଁ ଶିବଭକ୍ତମାନେ ବଡ଼ ଉତ୍ସାହର ସହ ଶୈବପୀଠକୁ ଯାତ୍ରା କରିଛନ୍ତି। ରବିବାର ଦିନରୁ ରାତି ସାରା ରାଜଧାନୀ ରାଜରାସ୍ତାରେ କାଉଡ଼ିଆମାନେ ଯାଉଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ରାଜଧାନୀର ବିଭିନ୍ନ ଶୈବପୀଠରେ ଆବଶ୍ୟକ ପ୍ରସ୍ତୁତି ମଧ୍ୟ କରାଯାଇଛି।

ଅନ୍ୟପକ୍ଷରେ ଜଳାଭିଷେକ ଲାଗି ଲିଙ୍ଗରାଜ ମନ୍ଦିରରେ ହେବାକୁ ଥିବା ଭିଡକୁ ଲକ୍ଷ କରି କମିସନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି । ଡିସିପି କହିଛନ୍ତି, ଲିଙ୍ଗରାଜ ମନ୍ଦିରରେ ପାଣି ଢାଳିବା ପାଇଁ ୪ ସପ୍ତାହ ଯାଏଁ ଭିଡ଼ ରହିବ ।

### ବୋଲବମ ପାଇଁ ଲିଙ୍ଗରାଜ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

### ମୁତୟନ ହେବେ ୬ ପ୍ଲାଟୁନ ପୋଲିସ ଫୋର୍ସ

ଏହିପାଇଁ ସହର ସାରା ରୁଟ ଲାଇନିଂ ବ୍ୟବସ୍ଥା ସହ ଟ୍ରାଫିକ ମ୍ୟାନେଜମେଣ୍ଟ କରାଯିବ । ମନ୍ଦିର ଭିତରେ ଓ ବାହାରେ ଓଡ୍ରାଫ ସହ ଫାୟାର ଓ ମୋବାଇଲ ମେଡିକାଲ ୟୁନିଟ ବ୍ୟବସ୍ଥା କରାଯାଇଛି। ସେହିଭଳି ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ ବ୍ୟବସ୍ଥା କରାଯାଇଛି । ଏଥିସହ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜଣେ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ୫ ଏସିପି, ୮ ଆଇଆଇସି, ୩୩ ଏସଆଇଙ୍କ ସହ ୬ ପ୍ଲାଟୁନ ପୋଲିସ ଫୋର୍ସ, ୫୦ ହୋମଗାର୍ଡଙ୍କୁ ନିୟୋଜିତ କରାଯିବ। ମହିଳା ଭକ୍ତଙ୍କ ପାଇଁ ମହିଳା ପୋଲିସ ଫୋର୍ସ ଓ ମହିଳା ପୋଲିସ ଅଫିସର ମଧ୍ୟ ନିଯୁକ୍ତି କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି ।

### ଜେଲ ଫେରନ୍ତା ଯୁବକଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୧୭।୭ (ବ୍ୟୁରୋ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀସ୍ଥିତ ମୁଣ୍ଡାସାହିଠାରେ ନିର୍ମାଣଧିନ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଭିତରେ ଜେଲ ଫେରନ୍ତା ବିହାରୀ ଯୁବକ ମୁକେଶ ଚୌଧୁରୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ୪ ମାସ ପରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କେନାଲ ବନ୍ଧ ହାଡ଼ବାଇ ବସ୍ତିରେ ରହୁଥିବା ଢେଙ୍କାନାଳ ଜିଲା ନିହଳପ୍ରସାଦ ଥାନା ବେଗ ଗ୍ରାମର ମୁଖ୍ୟ ଅଭିଯୁକ୍ତ ଚନ୍ଦନ ପାଢ଼ି (୩୨), ଆଖଣ୍ଡଳମଣୀ ବସ୍ତିରେ ରହୁଥିବା ଜଙ୍କିଆ ଥାନା ଅଞ୍ଚଳର ରଞ୍ଜନ କୁମାର ସାହୁ ଓରଫ କୁକୁଡ଼ା (୨୯) ଓ ପଳାଶୁଣୀରେ ରହୁଥିବା ରାଜେଶ କୁମାର ମହାନ୍ତି ଓରଫ ରାଜା (୨୭)। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ମାମଲା (ନଂ.୬୧/୨୦୨୨)ରେ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ କୁକୁଡ଼ାଙ୍କ ନାମରେ ମଞ୍ଚେଶ୍ୱର ଓ ଶହୀଦନଗର ଥାନାରେ ୨ଟି ଲେଖାଏ ମାମଲା ରହିଥିବାବେଳେ ରାଜେଶଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ମଧ୍ୟ ୨ ମାମଲା ରହିଛି।



### କ୍ରାଇମ ସିନ୍ ରିକ୍ରିଏଟ୍ କଲା ପୋଲିସ

ରବିବାର ଅପରାହ୍ନ ପ୍ରାୟ ୧ଟା ବେଳେ କ୍ରାଇମ ସିନ୍ ରିକ୍ରିଏଟ କରିବାକୁ ପୋଲିସ ଟିମ ୩ ଅଭିଯୁକ୍ତଙ୍କୁ ଉକ୍ତ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରକୁ ନେଇଥିଲା। ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଅଭିଯୁକ୍ତମାନେ କିପରି ମୁକେଶଙ୍କୁ ହତ୍ୟା କରିଥିଲେ, ଉକ୍ତ ଘଟଣାକୁ ଗୋଟି ଗୋଟି କରି ବର୍ଣ୍ଣନା କରିଥିଲେ।

### ତଦନ୍ତକୁ ବାଟବଣା କରୁଥିଲେ ଅଭିଯୁକ୍ତ କୁକୁଡ଼ା, ରାଜେଶ

ଘଟଣା ପରେ ଚନ୍ଦନ ଫେରାର ହୋଇଯାଇଥିଲେ। ଅନ୍ୟପଟେ ପୋଲିସର ତଦନ୍ତକୁ ବାଟବଣା କରିଥିଲେ ଅଭିଯୁକ୍ତ କୁକୁଡା ଓ ରାଜେଶ। ଏପରିକି ମୃତଦେହ ମିଳିବା ଦିନ ଚନ୍ଦନ ହିଁ ମାଷ୍ଟରମାଇଣ୍ଡ୍ ବୋଲି କହି କୁକୁଡ଼ା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ଏପରିକି ମୁକେଶ ମଧ୍ୟ ପୋଲିକୁ ଘଟଣା ବିଷୟରେ ଜାଣି ନ ଥିବା ବିଭ୍ରାନ୍ତିକର ତଥ୍ୟ ଦେଇଥିଲେ। ଚନ୍ଦନ ଢ଼େଙ୍କାନାଳ ଜିଲା ନିହଳପ୍ରସାଦ ଥାନା ଭଉଣୀ ଘରସ୍ଥିତ କୁକୁଡ଼ା ଫାର୍ମରେ ଲୁଚିଥିବା ଜଣାପଡ଼ିଥିଲା। ପୋଲିସ ଶନିବାର ରାତିରେ ତାଙ୍କୁ ଗିରଫ କରିଥିଲା। ଏହାପରେ ସେ ଅନ୍ୟ ସହଯୋଗୀଙ୍କ ସମ୍ପୃକ୍ତି ନେଇ ପୋଲିସକୁ କହିଥିଲେ। ପୋଲିସ ଭୁବନେଶ୍ୱରସ୍ଥିତ ଶ୍ୱଶୁର ଘରୁ କୁକୁଡ଼ାଙ୍କୁ ଓ ରାଜାଙ୍କୁ ତାଙ୍କ ଘରୁ କାବୁ କରିଥିଲା।

- ଭଉଣୀଘର କୁକୁଡ଼ା ଫାର୍ମରେ ଲୁଚିଥିଲେ ମୁଖ୍ୟ ଅଭିଯୁକ୍ତ ଚନ୍ଦନ
- କୋର୍ଟଚାଲାଣ ପରେ ଅଭିଯୁକ୍ତମାନେ ଜେଲ ଗଲେ

### ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ଇଟାରେ ଘୋଡ଼ାଇଥିଲେ

ଅଭିଯୁକ୍ତମାନେ ମୁକେଶଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ତାଙ୍କ ମୃତଦେହକୁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର କାନ୍ଥ କଡ଼ରେ ଶୁଆଇଦେଇଥିଲେ। ଏହାପରେ ସେଠାରେ ଥିବା ଇଟା ଆଣି ମୃତଦେହକୁ ଘୋଡ଼ାଇ ଦେଇଥିଲେ। ବାହାରକୁ ମୃତଦେହର ଚିହ୍ନବର୍ଣ୍ଣ ଦେଖାଯାଉ ନ ଥିଲା। ୪ ତାରିଖ ପୂର୍ବାହ୍ନରେ କମ୍ପୋଷ୍ଟିଂ ସେଣ୍ଟର କର୍ମଚାରୀମାନେ ଆସି କାମ ପାଇଁ ଇଟା କାଢ଼ିବାବେଳେ ମୃତଦେହ ଦେଖିବାକୁ ପାଇଥିଲେ।



### ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ବିବାଦ ଥିଲା

ମୃତ ମୁକେଶଙ୍କ ସମେତ ୩ ଅଭିଯୁକ୍ତ ପୂର୍ବରୁ ବିଭିନ୍ନ ଅପରାଧରେ ସମ୍ପୃକ୍ତ। ସେମାନେ ମିଳିମିଶି ଚୋରି, ଲୁଟ୍ ଓ ନିଶା କାରବାର ଆଦି ଅପରାଧ କରୁଥିଲେ। ଏକ ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ଅଭିଯୁକ୍ତମାନଙ୍କ ସହ ମୁକେଶଙ୍କର ବିବାଦ ଥିଲା। ଇତିମଧ୍ୟରେ ମୁକେଶ ନିଶା କାରବାର ମାମଲାରେ ଗତ ଜାନୁୟାରୀରେ ଗିରଫ ହୋଇ ଜେଲ ଯାଇଥିଲେ। ମାର୍ଚ୍ଚ ୧ରେ ସେ ଜାମିନରେ ଫେରିଥଲେ। ମାର୍ଚ୍ଚ ୩ ରାତି ୮ଟା ୩୦ରୁ ୯ଟା ମଧ୍ୟରେ କୁକୁଡ଼ା, ଚନ୍ଦନ ଓ ରାଜେଶ ନିର୍ମାଣଧିନ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରକୁ ଆସି ମୁକେଶଙ୍କୁ ଡକାଇଥିଲେ। କିଛି ସମୟ ପରେ ମୁକେଶ ସେଠାରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା।

### ଇଟାରେ ଛେଚି ଦେବା ପରେ ଗାମୁଛାରେ ଭିଡ଼ି ମାରିଥିଲେ

ଗଣ୍ଡଗୋଳ ଉଗ୍ର ରୂପ ନେବାରୁ ମୁକେଶଙ୍କୁ ଅଭିଯୁକ୍ତମାନେ ହତ୍ୟା କରିବାକୁ ଯୋଜନା କରିଥିଲେ। ସେହି ସମୟରେ ମୁକେଶଙ୍କ ତଣ୍ଟି ଭିଡ଼ି ଧରିଥିଲେ କୁକୁଡ଼ା। ପଛପଟରୁ ରାଜା ତାଙ୍କ ଦୁଇହାତ ଜାବୁଡ଼ି ଧରିଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଚନ୍ଦନ ନିକଟରେ ଥିବା ଏକ ଇଟା ଖଣ୍ଡକୁ ଆଣି ମୁକେଶଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ମୁକେଶ ତଳେ ପଡ଼ି ଛଟପଟ ହେବା ସହ କିଛି ସମୟ ମଧ୍ୟରେ ନିସ୍ତେଜ ହୋଇଯାଇଥିଲେ। ସେ କାଳେ ବଞ୍ଚିଥିବେ ସେଥିପାଇଁ ମୁକେଶ ତଳେ ପଡ଼ିଥିବା ଅବସ୍ଥାରେ ଚନ୍ଦନ ଏକ ଗାମୁଛାରେ ତାଙ୍କ ବେକକୁ ଭିଡ଼ି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

# ଆଶାଠାରୁ ଅଧିକ ମାର୍କ ଖୁସି ଦେଲା

ଆଇସିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ବହୁ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଦୁଇଟି ଟର୍ମର ମାର୍କକୁ ଆଧାର କରି ପରୀକ୍ଷାଫଳ ପ୍ରକାଶ ପାଇଥିବାରୁ ପିଲାଙ୍କ ଭଲ ରେଜଲ୍ଟ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ଛାତ୍ରୀଛାତ୍ରମାନେ ସନ୍ତୁଷ୍ଟ ଥିବା କହିଛନ୍ତି। କେତେଜଣ ମେଧାବୀଙ୍କ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ଏହି ଉପସ୍ଥାପନା।



ଫଳ ପ୍ରକାଶ ପାଇବା ପରେ କଟକ ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ କୃତୀ ଛାତ୍ରମାନେ ଖୁସିବ୍ୟକ୍ତ କରୁଛନ୍ତି।

## ଦୃଢ଼ ଆତ୍ମବିଶ୍ୱାସରୁ ସଫଳତା



କଠିନ ପରିଶ୍ରମ କରିଥିଲି। ୯୮% ରହିବ ବୋଲି ଆଶା କରିଥିଲି। ୯୯.୨% ରହିବା ସହିତ ଟପ୍ପର ହେବି ଆଶା କରି ନ ଥିଲି। ଆଶାଠାରୁ ଅଧିକ ରହିଥିବାରୁ ଏବଂ ରାଜ୍ୟର ଟପ୍ପର ହୋଇଥିବାରୁ ବହୁତ ଖୁସି ଲାଗୁଛି। ଦୃଢ଼ ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବି। ଖାଲି ଦୀର୍ଘ ସମୟ ଧରି ପାଠ ପଢ଼ିଦେଲେ ହେବ ନାହିଁ, ମନ ଦେଇ ଯେତେ କମ୍ ସମୟ ପାଠ ପଢ଼ିଲେ ବି ହେବ। ମୁଁ ମଧ ତାହା କରୁଥିଲି। ମୋର ଯେଉଁଦିନ ଇଚ୍ଛା ଥିବ ମୁଁ ୧୦ରୁ ୧୨ଘଣ୍ଟା ପଢ଼େ। ଯେଉଁଦିନ ଇଚ୍ଛା ହୁଏ ନାହିଁ, ସେଦିନ ପଢ଼େନି। ମୋର ପରିଶ୍ରମର ଫଳ ପାଇଛି। ଏହାଛଡ଼ା ମୋ ମା’ ବାପା, ମାମୁ, ଆଈ ଆଉ ସ୍କୁଲ ଟିଚରମାନଙ୍କ ଆଶୀର୍ବାଦ ଯୋଗୁ ଏହି ସଫଳତା ପାଇଛି। ଭବିଷ୍ୟତରେ ଡାକ୍ତର ହେବା ଲକ୍ଷ୍ୟ ରହିଛି। ଏବେଠାରୁ ପ୍ରସ୍ତୁତି ମଧ ଆରମ୍ଭ କରିଦେଇଛି।

**– ଶ୍ରୀଧାରା ବାରିକ, ସେଣ୍ଟ ଯୋଶେଫ୍ ହାଇସ୍କୁଲ, ଭୁବନେଶ୍ୱର**

## ସମାଜ ପାଇଁ କିଛି ଭଲ କରିବା ଲକ୍ଷ୍ୟ



ଓଡ଼ିଶା ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ମୋର ୯୯.୨ ପ୍ରତିଶତ ରହିଛି । ଏଥିପାଇଁ ମୁଁ ୯ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ହିଷ୍ଟ୍ରି, ସିଭିକ୍ସ ଏବଂ ଜିଓଗ୍ରାଫିରେ କିଛି ମାର୍କ କମିଛି। ହେଲେ ମୋଟାମୋଟି ମିଳିଥିବା ମାର୍କରେ ମୁଁ ଖୁସି। ଏଥିପାଇଁ ମୁଁ ମୋ ପରିବାର ବର୍ଗ ଏବଂ ଶିକ୍ଷକଙ୍କୁ ସବୁ ଶ୍ରେୟ ଦେବି। ଭବିଷ୍ୟତରେ କ’ଣ କରିବି ସେନେଇ କୌଣସି ନିଷ୍ପତ୍ତି ନେଇନି। ସମୟ ଅନୁଯାୟୀ ଚାକିରି ପାଇଁ ଲକ୍ଷ୍ୟ ପରିବର୍ତ୍ତିତ ହୋଇଥାଏ। ଡାକ୍ତର, ଆଇଏଏସ, ଓଏଏସ୍ କିମ୍ବା ଅନ୍ୟ କିଛି ସେ ନେଇ କୌଣସି ନିଷ୍ପତ୍ତି ନେଇନାହିଁ। ହେଲେ ସମାଜ ପାଇଁ କିଛି ଭଲ କରିବାର ଏକମାତ୍ର ଲକ୍ଷ୍ୟ ରହିଛି, ଯେପରି ମୋ ଦ୍ୱାରା ସମାଜର କିଛି ଉନ୍ନତି ହୋଇପାରିବ।

**– ରିଷି ସାଗର ଶତପଥୀ, ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ**

## ବୈଜ୍ଞାନିକ ହେବା ଆଶା



ପରୀକ୍ଷା ଭଲ ହୋଇଥିଲା ଏବଂ ମାର୍କ ବି ଭଲ ଆସିବ ବୋଲି ଆଶା କରିଥିଲି। କିନ୍ତୁ ୯୯.୨% ସହ ରାଜ୍ୟ ଟପ୍ପର ହେବା ନିଶ୍ଚିତ ଭାବେ ଗର୍ବର କଥା। ଦିନକୁ ମୁଁ ୬ରୁ ୮ଘଣ୍ଟା ପରିଶ୍ରମ କରୁଥିଲି। ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ବନମାଳୀ କର, ସମସ୍ତ ଶିକ୍ଷକ, ମା’ବାପାଙ୍କୁ ଦେବି। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇ ଦେଶ ପାଇଁ କାମ କରିବାକୁ ଲକ୍ଷ୍ୟ ରଖିଛି।

**– ସାଇ କ୍ରିଷ୍ଣା ପଣ୍ଡା, ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ, ରାଉରକେଲା**

## ଆଇଆଇଟି ଇଞ୍ଜିନିୟର ହେବା ଲକ୍ଷ୍ୟ



ପରୀକ୍ଷା ପାଇଁ ବହୁ ପରିଶ୍ରମ କରିଥିଲି। ଦୃଢ଼ ମନୋବଳ ଥିଲା ଯେ ପରୀକ୍ଷା ଭଲ ହେବ ଏବଂ ମାର୍କ ବି ଭଲ ହେବ। ତାହା ହୋଇଛି। ମୋର ୯୯.୨% ରହିଛି। ରାଜ୍ୟ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। ମୋର ଏହି ସଫଳତା ପାଇଁ ସ୍କୁଲ ଅଧକ୍ଷା ସିଷ୍ଟର ଜେସ୍ ମେରିଆଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ମା’ବାପାଙ୍କୁ ଶ୍ରେୟ ଦେବାକୁ ଚାହିଁବି। ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛି।

**–ଆଶୁତୋଷ ଦେବପ୍ରିୟମ ନାୟକ, ନିର୍ମଳା କନଭେଣ୍ଟ ସ୍କୁଲ, କେନ୍ଦୁଝର**

## ଇଞ୍ଜିନିୟରିଂ ପଢ଼ିବା ପାଇଁ ଇଚ୍ଛା



ପ୍ରିବୋର୍ଡରେ ମୋର ପ୍ରସ୍ତୁତି ଭଲ ନ ଥିଲା। କରୋନା ପାଇଁ ଏଥର ପରୀକ୍ଷା ସିଷ୍ଟମ ପୂରା ବଦଳି ଯାଇଥିଲା। ତେଣୁ ପ୍ରସ୍ତୁତିରେ ଅସୁବିଧା ହୋଇଥିଲା। ତଥାପି ପଢ଼ିବା ପାଇଁ ଚେଷ୍ଟା କରିଥିଲି। ଟର୍ମ-୧ରେ ମୋର ୯୭% ଥିଲା। ଏଥର କିନ୍ତୁ ୯୪% ରହିବ ବୋଲି ଆଶା କରିଥିଲି। କାରଣ ଇଂଲିଶ, ଫିଜିକ୍ସରେ ମାର୍କ କମ୍ ରହିବ ବୋଲି ଭାବିଥିଲି। କିନ୍ତୁ ମୋର ଆଶାଠାରୁ ବହୁତ ଅଧିକ ମାର୍କ (୯୮.୮%) ଥିବାରୁ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଛି। ସ୍କୁଲରେ ଟପ୍ପର ହେବା ସହିତ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଖୁସି ଲାଗୁଛି। ଇଞ୍ଜିନିୟରିଂ ପଢ଼ିବା ପାଇଁ ଇଚ୍ଛା ଅଛି। ତେଣୁ ଏବେଠାରୁ ମୁଁ ସେଥିପାଇଁ ପ୍ରସ୍ତୁତି କରୁଛି।

**– ନିଖିତା ଅଞ୍ଜାନୀ ରବି, ଲୟୋଲା ସ୍କୁଲ, ଭୁବନେଶ୍ୱର**

## ୧୦୦% ରେଜଲ୍ଟ

### ସେଣ୍ଟ ଯୋଶେଫ୍ ହାଇସ୍କୁଲ, ଭୁବନେଶ୍ୱର

ଏହି ସ୍କୁଲରେ ୧୮୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୭୯ଜଣ ଛାତ୍ରୀଛାତ୍ର ୯୦% ଉପରେ ମାର୍କ ରଖିଛନ୍ତି। ୯୯.୨% ମାର୍କ ରଖି ଶ୍ରୀଧାରା ବାରିକ ସ୍କୁଲ ଟପ୍ପର ହୋଇଛନ୍ତି। ଏହାପରେ ପରେ ଅନ୍ୱେଷା ପଟ୍ଟନାୟକ ୯୮%, ଗୁଡଲା ଚରଣ କୁମାର ରେଡ୍ଡି ୯୮%, ସୌମ୍ୟା ସୁଚରିତା ୯୭.୮% ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୮ଜଣ ବାୟୋଲୋଜି, କମ୍ପ୍ୟୁଟରରେ ୭ଜଣ, ଇତିହାସରେ ୭, ଗଣିତରେ ୬, ଜିଓଗ୍ରାଫିରେ ୫ ଏବଂ ରସାୟନ ବିଜ୍ଞାନରେ ୪ଜଣ ୧୦୦ ରୁ ୧୦୦ ମାର୍କ ରଖିଛନ୍ତି।

### ଲୟୋଲା ସ୍କୁଲ, ଭୁବନେଶ୍ୱର

ଏହି ସ୍କୁଲରେ ୧୯୯ଜଣ ପିଲା ପରୀକ୍ଷା ଦେଇଥିଲେ। ସମସ୍ତ ପିଲା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିଖିତା ଅଞ୍ଜାନି ରବି ୯୮.୮% ମାର୍କ ରଖି ସ୍କୁଲର ଟପ୍ପର ହୋଇଛନ୍ତି। ଏହା ପରେ ଆଶୀର୍ବାଦ କୁମାର ଓ ଅନିଷ ଡାରୁକା ୯୮.୪% ଏବଂ ଆକାଂକ୍ଷା ସାହୁ ଓ ତ୍ରିପ୍ତୀ ତମନ୍ନା ୯୮.୨% ମାର୍କ ରଖିଛନ୍ତି।

| ସ୍ଥାନ | ନାମ | ସ୍କୁଲ | ପାସ୍‌ହାର |
|---|---|---|---|
| ୧ | ରିଶି ସାଗର ଶତପଥୀ | ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ | ୯୯.୨୦% |
| ୧ | ସାଇ କ୍ରୀଷ୍ଣା ପଣ୍ଡା | ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ, ସେକ୍ଟର ୨୦, ରାଉରକେଲା | ୯୯.୨୦% |
| ୧ | ଶ୍ରୀଧାରା ବାରିକ | ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର | ୯୯.୨୦% |
| ୧ | ଆଶୁତୋଷ ଦେବପ୍ରିୟମ ନାୟକ | ନିର୍ମଳା କନ୍‌ଭେଣ୍ଟ ସ୍କୁଲ, କେନ୍ଦୁଝର | ୯୯.୨୦% |
| ୨ | ଶ୍ରିଷ୍ଟି ବୋଷ | ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ସ୍କୁଲ, ରାଉରକେଲା | ୯୯% |
| ୨ | ଦିବ୍ୟଜ୍ୟୋତି ବୈଷ୍ଣବୀ | ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ସ୍କୁଲ, ରାଉରକେଲା | ୯୯% |
| ୨ | ଅଭିଜିତ ପରିଡ଼ା | ଦୀପ୍ତି କନ୍‌ଭେଣ୍ଟ ସ୍କୁଲ, ରାୟଗଡା | ୯୯% |
| ୨ | ମିତ୍ରା ଦାସ | କେମ୍ବ୍ରିଜ ସ୍କୁଲ, କଟକ | ୯୯% |
| ୨ | ବର୍ଣ୍ଣାଳୀ ତ୍ରିପାଠୀ | ଡି ପଲ୍ ସ୍କୁଲ, ବ୍ରହ୍ମପୁର | ୯୯% |
| ୨ | ସ୍ୱନ୍ଦନ ବିକାଶ ଘଡ଼େଇ | ସେଣ୍ଟ ଆନିଜ୍ କନ୍‌ଭେଣ୍ଟ ସ୍କୁଲ,ସୁବର୍ଣ୍ଣପୁର | ୯୯% |
| ୨ | ପୁଲକ ରଞ୍ଜନ ମଲ୍ଲିକ | ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ, ସେକ୍ଟର ୨୦, ରାଉରକେଲା | ୯୯% |
| ୨ | ସୁବର୍ଣ୍ଣିକା ପ୍ରଧାନ | ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ, ସେକ୍ଟର ୨୦, ରାଉରକେଲା | ୯୯% |
| ୩ | ବରଦା ମାହେଶ୍ୱରୀ | ସେଣ୍ଟ ମାରିଜ୍ ସ୍କୁଲ, ବଡ଼ବିଲ | ୯୮.୮୦% |
| ୩ | ହୃଦୟ ରଞ୍ଜନ ଦାସ | ସେଣ୍ଟ ଜେମ୍‌ସ କନ୍‌ଭେଣ୍ଟ ସ୍କୁଲ, ଜଳେଶ୍ୱର | ୯୮.୮୦% |
| ୩ | ଦେବାଂଶୀ ଜୋଷୀ | ସେଣ୍ଟ ଥେରେଶା ଇଂଲିଶ ମିଡିୟମ ସ୍କୁଲ, ସୁନ୍ଦରଗଡ଼ | ୯୮.୮୦% |
| ୩ | ରିଷଭ ଅଗ୍ରୱାଲ | ନିର୍ମଳା ଇଂଲିଶ ମିଡିୟମ ସ୍କୁଲ, ରାଜଗାଙ୍ଗପୁର | ୯୮.୮୦% |
| ୩ | ଆୟୁଷୀ ଅକ୍ଷୟିକା ବେହେରା | ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁର | ୯୮.୮୦% |
| ୩ | ମଳୟ କୁମାର ଧଳ | ଚିନ୍ମୟ ବିଦ୍ୟାଳୟ(ଇ.ଏମ୍), ରାଉରକେଲା | ୯୮.୮୦% |
| ୩ | ନିଖିତା ଅଞ୍ଜାନି ରବି | ଲୟୋଲା ସ୍କୁଲ, ଭୁବନେଶ୍ୱର | ୯୮.୮୦% |
| ୩ | ଅନ୍ୱେଷା ଦାଶ | ସେଣ୍ଟ ଜନ୍‌ସ ସ୍କୁଲ, ସମ୍ବଲପୁର | ୯୮.୮୦% |
| ୩ | ରୌପ୍ୟା ଶ୍ୱାସତ ପୃଷ୍ଟି | ସେଣ୍ଟ ପଲସ୍ ସ୍କୁଲ, ରାଉରକେଲା | ୯୮.୮୦% |

# ମୃତକଙ୍କ ପରିବାରକୁ ଭେଟିଲା ଭାଜପା ପ୍ରତିନିଧି ଦଳ



ଖଲଣା ଗ୍ରାମକୁ ଯାଇଥିବା ଭାଜପା ପ୍ରତିନିଧିମାନେ।

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

**ଖଲଣା ଗୁଳିକାଣ୍ଡ ଘଟଣା**

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀ ରାମଚନ୍ଦ୍ରପୁର ଥାନା ଅଧୀନ ଖଲଣା ଗୁଳିକାଣ୍ଡ ଘଟଣାରେ ରବିବାର ଭାଜପାର ରାଜ୍ୟସ୍ତରୀୟ ଏକ ପ୍ରତିନିଧି ଦଳ ମୃତକଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଭାଜପା ପ୍ରତିନିଧିମାନେ ସେମାନଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

ଭାଜପା ରାଜ୍ୟ ସମ୍ପାଦକ ବଦ୍ରି ନାରାୟଣ ଧଳଙ୍କ ନେତୃତ୍ୱରେ ଭାଜପା ନଦୀ ସୁରକ୍ଷା ସମିତିର ରାଜ୍ୟ ସଭାପତି ମହେଶ୍ୱର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର ପ୍ରମୁଖ ଖଲଣା ଗ୍ରାମରେ ପହଞ୍ଚି ମୃତ ସୁନନ୍ଦ ସେଠୀଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସୁନନ୍ଦଙ୍କୁ ବିଭିନ୍ନ ସମୟରେ ଶାସକ ଦଳର କିଛି ନେତା ଓ କର୍ମୀଙ୍କ ପକ୍ଷରୁ ହତ୍ୟା ଧମକ ଦିଆଯାଉଥିଲା ବୋଲି ଉପସ୍ଥିତ ଲୋକଙ୍କଠାରୁ ସେମାନେ ଜାଣିବାକୁ ପାଇଛନ୍ତି। ତେବେ ହତ୍ୟା ଘଟଣାକୁ ୪ ଦିନ ବିତିଯାଇଥିଲେ ହେଁ ପୋଲିସ ହାତ ଖାଲି ରହିଥିବା କହି ଭାଜପା ପ୍ରତିନିଧି ଦଳ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନଦୀ ସୁରକ୍ଷା ସମିତିର ରାଜ୍ୟ ସଭାପତି ସାହୁ କହିଛନ୍ତି। ଏହି ପ୍ରତିନିଧି ଦଳରେ ବାଇଧର ଚିଦ୍ରା, ଶ୍ରୀନିବାସ ବାରିକ, ଅଶୋକ କୁମାର ସାହୁ, ରଞ୍ଜନ କୁମାର ପାତ୍ର, ଅଜିତ କୁମାର ବେହେରା ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ସୁନନ୍ଦ ଓ ଅନ୍ୟ ଜଣେ ବ୍ୟକ୍ତି ସାଇଁକୁଳ ସାପ୍ତାହିକ ହାଟରୁ ଘରକୁ ଫେରୁଥିବା ବେଳେ ରାସ୍ତାରେ ଶାସକ ବିଜେଡିର ଜଣେ ନେତାଙ୍କ ନିର୍ଦ୍ଦେଶରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ ସହ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ସୁନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ପୋଲିସ କବ୍‌ଜାରେ ଆଉଜଣେ ରସିକିଆ ସ୍ୱାମୀ

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

■ମିଛ ପରିଚୟ ଦେଇ ଏକାଧିକଙ୍କୁ ବିବାହ ଅଭିଯୋଗ
■ଅଶ୍ଳୀଳ ଭିଡିଓ କରୁଥିଲେ, ଲୁଟୁଥିଲେ ଟଙ୍କା, ସୁନାଗହଣା

ନିଜକୁ ଡାକ୍ତର ପରିଚୟ ଦେଇ ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ଯୁବତୀ ଓ ମହିଳାଙ୍କୁ ବିବାହ କରି ଗିରଫ ହୋଇଥିଲେ ରମେଶ ସ୍ୱାଇଁ। ସେ ଏବେ ଜେଲ୍‌ରେ ଥିବାବେଳେ ଆଉଜଣେ ରସିକିଆ ଠକ ଚର୍ଚ୍ଚାକୁ ଆସିଛନ୍ତି। ନିଜକୁ ସଫ୍ଟୱେର ଇଞ୍ଜିନିୟର କହି ଏକାଧିକ ଯୁବତୀଙ୍କୁ ବିବାହ କରିଥିବା ନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏପରି କି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ପ୍ରସ୍ତୁତ କରିବା ସହ ସମ୍ପତ୍ତି ଲୁଟିଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ସମ୍ପୃକ୍ତ ମହିଳା। ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ସ୍ୱାମୀ ଅନ୍ୟଜଣେ ମହିଳାଙ୍କ ସହ ରହୁଥିବା ଖବର ପାଇବା ପରେ ମହିଳା ଜଣକ ପରିବାର ସହ ସେଠାରେ ପହଞ୍ଚିଥିଲେ। ସ୍ୱାମୀଙ୍କୁ କାବୁ କରିଥିବାବେଳେ ତାଙ୍କ ସହ ରହୁଥିବା ଜଣେ ମହିଳା ଖସି ପଳାଇଥିଲେ। ବହୁ ସମୟ ଧରି ସେଠାରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଖବରପାଇ ପିସିଆର ପହଞ୍ଚି ଉଭୟଙ୍କୁ ଏୟାରଫିଲ୍ଡ ଥାନାକୁ ଆଣି ପଚରାଉଚରା କରିଥିଲା। ସ୍ୱାମୀଙ୍କ ନାମରେ ମହିଳା ଜଣକ ପୂର୍ବରୁ କଟକ ସଦର ଥାନାରେ ଓ ତାଙ୍କ ଭାଇ ରମ୍ଭା ଥାନାରେ ଅଭିଯୋଗ କରିଥିବା ଜଣାପଡିଥିଲା। ଏହାପରେ ଏୟାରଫିଲ୍ଡ ଥାନା ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ଥାନାକୁ ହସ୍ତାନ୍ତର କରିଥିଲା। କଟକ ସଦର ଥାନା ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ତେବେ ଏହି ଘଟଣାକୁ ନେଇ ରବିବାର ଓଲ୍ଡଟାଉନ୍ ଅଞ୍ଚଳରେ ହାଇଡ୍ରାମା ଦେଖିବାକୁ ମିଳିଥିଲା।



ସମୀର ବେଜ

ମହିଳାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ହେଉଛନ୍ତି ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ସମୀର ବେଜ। ସମୀର ମିଛ କଥା କହି ତାଙ୍କୁ ୨୦୧୯ରେ ବିବାହ କରିଥିଲେ। ସେ ଭାରତ ମାଟ୍ରିମୋନିରେ ନିଜକୁ ଜଣେ ସଫ୍ଟୱେର ଇଞ୍ଜିନିୟର ପରିଚୟ ଦେବା ସହ ରାଜସ୍ଥାନ ଓ ଦିଲ୍ଲୀରେ ଫ୍ଲାଟ୍ ଥିବା ଜଣାଇ ବିବାହ ପ୍ରସ୍ତାବ ଦେଇଥିଲେ। ଉଭୟ ପରିବାରଙ୍କ ସହମତିରେ ବିବାହ ହୋଇଥିଲା। ହେଲେ ସମୀର ସଫ୍ଟୱେର ଇଞ୍ଜିନିୟର ନ ଥିବା ଜାଣିବା ପରେ ସେ ତାଙ୍କୁ ନିର୍ଯାତନା ଦେବା ସହ ଟଙ୍କା ଓ ସୁନାଗହଣା ହଡ଼ପ କରି ନେଇଥିଲେ। ସେ ଜଣେ ଝିଅ ସହ ଫେରାର ହୋଇଥିବା ଓ ମିଛ କହି ସେ ଏକାଧିକ ଝିଅଙ୍କୁ ବିବାହ କରିଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ବାହାନା କରି ସମୀର ଦିଲ୍ଲୀ ଓ ରାଜସ୍ଥାନ ଯାଉଥିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେଠାରେ ମଧ ଦୁଇ ଜଣଙ୍କୁ ବିବାହ କରିଥିବା ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲେ। ଏପରିକି ଅନେକ ଝିଅଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ପ୍ରସ୍ତୁତ କରି ବ୍ଲାକ୍‌ମେଲ କରିବା ସହ ସମ୍ପତ୍ତି ଲୁଟିଥିବା ମହିଳା ଜଣକ କହିଛନ୍ତି।

ଏନେଇ କଟକ ସଦର ଥାନାର ଅତିରିକ୍ତ ଆଇଆଇସି ରୀନା ମିଶ୍ର କହିଛନ୍ତି, ବ୍ୟକ୍ତିଜଣକ ଏକାଧିକ ମହିଳାଙ୍କୁ ବିବାହ କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି। ଏଥିସହ ସେ କେତେଜଣଙ୍କୁ ମିଛ କଥା କହି ବିବାହ କରି ଠକିଛନ୍ତି, ତାହା ତଦନ୍ତ ଚାଲିଛି। ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ମହିଳା ଜଣକ ପୂର୍ବରୁ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ.୮୫/୨୨) ରୁଜୁ ହୋଇଛି। ଏସମସ୍ତ ବାବଦରେ ଉଭୟଙ୍କୁ ଥାନାରେ ପଚରାଉଚରା କରାଯାଉଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି।



ନାଟ୍ୟଧାରା ପକ୍ଷରୁ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ ‘ତକ୍ଷକ’ର ଏକ ଦୃଶ୍ୟ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ରବିବାର ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ନୃତ୍ୟ ଉତ୍ସବ ‘ବିଳାସ’ରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

